

## ମହାମାନ୍ୟ ରାଜ୍ୟପାଳଙ୍କର ସାତକୋଶିଆଠାରେ ପବିତ୍ର ଗହ୍ମା ପୂର୍ଣ୍ଣିମା ଉତ୍ସବ ପାଳନରେ ଯୋଗଦାନ

ତା ୧୯।୦୮।୦୫ରିଖ ପବିତ୍ର ଗହ୍ମାପୂର୍ଣ୍ଣିମା ଓ ଶ୍ରୀବଳଭଦ୍ର ଜନ୍ମତିଥିରେ ସାତକୋଶିଆ ଗ୍ରାମଠାରେ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ସମାରୋହ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ରାମେଶ୍ୱର ଠାକୁର ଗୋପୂଜନ କରି ଏହି ସମାରୋହକୁ ଉଦ୍‌ଘାଟନ କରିବା ସହିତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ- ଗୋମାତା - ମା ମାନବ ସମାଜକୁ ଆଦର୍ଶ ଖାଦ୍ୟ 'କ୍ଷୀର' ଦେଉଛି ଏବଂ ବଳଦ ଅନ୍ନ ଦେଉଅଛି । ତେଣୁ ମାନବ ସଭ୍ୟତାର ବିକାଶ ପାଇଁ ଗୋସଂପଦ ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ପଶୁ ଚିକିତ୍ସା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଜୟ କୁମାର ଧଳ, ଆଇ.ଏ.ଏସ୍, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଗୋପାଳକ ଓ ଚାଷୀଭାଇମାନଙ୍କୁ ଗୋପାଳନର ବିଭିନ୍ନ ଉପାଦେୟତା ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବାଲିପାଟଣାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କମିଟିର ସଭାପତି ଶ୍ରୀଯୁକ୍ତ ଜୟଦେବ ଜେନା ପ୍ରମୁଖ ଯୋଗଦାନ କରିଥିଲେ । ଓଡ଼ିଶା କୃଷକ ସମବାୟ ସମିତିର ସଭାପତି ଶ୍ରୀ ଅମିୟ କୁମାର ପଟ୍ଟନାୟକ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡକ୍ଟର ଅଦ୍ୱୈତ ପାତ୍ର ସଭାପରିଚାଳନା କରିଥିଲେ । ଓଡ଼ିଶା ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟଙ୍କ ତରଫରୁ ପଶୁ ସଂପଦ ସୂଚନା ଅଧିକାରୀ ଡାଃ ବୀର କିଶୋର ପରିଡ଼ା ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡାଃ ଉମା ଶଙ୍କର ପାତ୍ର ମହାମାନ୍ୟ ରାଜ୍ୟପାଳଙ୍କୁ ଗୋପ୍ରଦର୍ଶନୀ ବୁଲାଇ ଦେଖାଇଥିଲେ ଓ ସୂଚନା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପଶୁଚିକିତ୍ସା ଅଧିକାରୀ ଡାଃ ଉମାଶଙ୍କର ପାତ୍ର ଓ ଭୁବନେଶ୍ୱର ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ଡାଃ ହୃଷିକେଶ ସାମଲ ସ୍ଥାନୀୟ ବାଳକାଟୀ ପଶୁ ଡାକ୍ତରଖାନା ସହଯୋଗରେ ଏକ ପଶୁ ଚିକିତ୍ସା ଶିବିର ଆୟୋଜନ କରିଥିଲେ । ଏହି ଶିବିରରେ ୨୫୫ଟି ଗାଈଗୋରୁଙ୍କ ଚିକିତ୍ସା କରାଯାଇଥିଲା । ଡାଃ ରବି ନାରାୟଣ ପଟ୍ଟନାୟକ, ଡାଃ ଦୁର୍ଗା ପ୍ରସାଦ ତ୍ରିପାଠୀ, ଡାଃ ମହେନ୍ଦ୍ର ରାୟ, ଡା: ସୁଧୀର କୁମାର ସେନାପତି, ଡାଃ ପ୍ରଶାନ୍ତ କୁମାର ବିଶ୍ୱାଳ, ଡାଃ ନରେଶ ଚନ୍ଦ୍ର ରଥ, ଡାଃ ପ୍ରସନ୍ନ ପଟ୍ଟନାୟକ, ଡାଃ ପ୍ରତାପ କୁମାର ପଟ୍ଟନାୟକ, ଡାଃ ପ୍ରମୋଦ କୁମାର ମହାପାତ୍ର, ଡାଃ ରବି ନାରାୟଣ ମହାନ୍ତି, ଡାଃ ଦେବରାଜ ବେହେରା, ଡାଃ ମନୋଜ କୁମାର ସାହୁ, ଉପସ୍ଥିତ ରହି ଚିକିତ୍ସା କରିଥିଲେ ।

ଏହି ଉତ୍ସବ ଉପଲକ୍ଷେ ପଶୁସଂପଦ ବିଭାଗ ତରଫରୁ ଏକ ଆକର୍ଷଣୀୟ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା ।

ଅମ୍ରିତ୍ ଫିଡ୍‌ସ୍, ଭୁବନେଶ୍ୱରଙ୍କ ତରଫରୁ ଶ୍ରୀ କାମିନୀ ସ୍ୱାଇଁ ୫୦ଜଣ ଗୋପାଳକଙ୍କୁ ପାଇଁ ମାଗଣାରେ ସନ୍ତୁଳିତ ଗୋଖାଦ୍ୟ ବଣ୍ଟନ କରିଥିଲେ ।

ପଶୁ ଚିକିତ୍ସା ତରଫରୁ ସବୁଜ ତୃଣ ଗୋପ୍ରଦର୍ଶନୀରେ ଯୋଗଦେଇଥିବା ସମସ୍ତ ଗାଈ ଗୋରୁଙ୍କୁ ମାଗଣାରେ ବଣ୍ଟନ କରାଯାଇଥିଲା ।

ମାନ୍ୟବର ରାଜ୍ୟପାଳ ପ୍ରତାପ ଶାସମିର ଏକ ବିଧବା ମହିଳାଙ୍କୁ ଏକ ଦୁଧିଆଳୀ ଶଙ୍କର ଜାତୀୟ ଗାଈ ସହିତ ମାଈ ବାଛୁରୀ ପ୍ରଦାନ କରିଥିଲେ ।

ଏହି ଉତ୍ସବରେ ଆଖପାଖର ବହୁ ଗୋପ୍ରେମୀ ଯୋଗ ଦେଇଥିଲେ ।

## ଓଡ଼ିଶା ପଶୁସଂପଦ ବିକାଶ ସମିତିର ଭୂମିକା

୧. ଓଡ଼ିଶାରେ ପଶୁ ସଂପଦର ବିକାଶ ପାଇଁ କେନ୍ଦ୍ରୀୟ ସହାୟତାରେ ୨୦୦୧-୦୨ ଠାରୁ ଜାତୀୟ ଗୋ-ମହିଷାଦି ପ୍ରଜନନ ପ୍ରକଳ୍ପ କାର୍ଯ୍ୟ କରୁଅଛି ।

୨. ଓଡ଼ିଶାରେ ଉକ୍ତ ପ୍ରକଳ୍ପର କାର୍ଯ୍ୟକାରୀକୁ ସଫଳ ରୂପାୟନ କରିବା ସାକାଶେ ପଶୁସମ୍ପଦ ବିକାଶ ପାଇଁ ସମିତି ଗଠନ କରାଯାଇ ସଭାପତିଭାବେ ପଶୁସମ୍ପଦ ବିଭାଗର ସଚିବ, ସଂପାଦକ ଭାବେ ନିର୍ଦ୍ଦେଶକ, ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, କୋଷାଧ୍ୟକ୍ଷ ଭାବେ ଯୁଗ୍ମନିର୍ଦ୍ଦେଶକ କାର୍ଯ୍ୟରତ ଅଛନ୍ତି ।

୩. ଉକ୍ତ ପ୍ରକଳ୍ପ ମାଧ୍ୟମରେ ନିର୍ଦ୍ଦିଷ୍ଟ ଭାବେ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ରାଜ୍ୟରେ ପ୍ରଜନନକ୍ଷମ ଦୁଧିଆଳୀ ଗାଈ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଅଛି ।

୪. ବର୍ତ୍ତମାନ ସୁଦ୍ଧା ୩୦୦ ଗୋମିତ୍ରଙ୍କୁ ଭ୍ରାମ୍ୟମାଣ କୃତ୍ରିମ ପ୍ରଜନନ ମାଧ୍ୟମରେ ପ୍ରଜନନ କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ସଂପ୍ରସାରଣ କରିବା ପାଇଁ ନିଯୁକ୍ତ କରାଯାଇଅଛି ।

୫. ପଶୁସମ୍ପଦ ବିକାଶ ସମିତି ଜରିଆରେ ଆମ ରାଜ୍ୟରେ ପ୍ରଥମ ଥର ପାଇଁ ବ୍ୟବହାରିକ ମୂଲ୍ୟ (User fees) ୧୧.୧୨.୨୦୦୧ ଠାରୁ କାର୍ଯ୍ୟକାରୀ ହୋଇଆସୁଅଛି ।

୬. OLRDS ହେଉଛି ଏକ ସଂପୂର୍ଣ୍ଣ ସ୍ୱୟଂଚାଳିତ ସଂସ୍ଥା ଏବଂ ରାଜ୍ୟର ପଶୁସମ୍ପଦର ସର୍ବାଙ୍ଗିନ ବିକାଶ ବା ଉନ୍ନତି ପାଇଁ ଉଦ୍ଦିଷ୍ଟ ।

୭. ରାଜ୍ୟ ସରକାରଙ୍କ ଦ୍ୱାରା ପଶୁ ପକ୍ଷୀଙ୍କ ଚିକିତ୍ସା ପାଇଁ ନିର୍ଦ୍ଧାରିତ ବ୍ୟବହାରିକ ମୂଲ୍ୟ ସମସ୍ତ ପଶୁ ଡାକ୍ତରଖାନା, ପଶୁ ସହାୟକ କେନ୍ଦ୍ର, ଭ୍ରାମ୍ୟମାଣ ପଶୁ ଚିକିତ୍ସା ଶିବିରରେ ଆଦାୟ କରାଯାଇଥାଏ ।

୮. ପ୍ରତି ଜିଲ୍ଲାରୁ ସଂଗ୍ରହ କରାଯାଉଥିବା ବ୍ୟବହାରିକ ମୂଲ୍ୟର ପାଣ୍ଠିରୁ ଶତକଡ଼ା ୯୦ ଭାଗ ଅର୍ଥ ସେହି ଜିଲ୍ଲାର ଅଂଶଧନ ଏବଂ ଶତକଡ଼ା ୧୦ ଭାଗ ରାଜ୍ୟର ଅଂଶଧନ ଭାବେ ପଶୁସମ୍ପଦର ବିକାଶ ପାଇଁ ବ୍ୟବସ୍ଥା ରହିଛି ।

୯. ଏହି ଯୋଜନାରେ ବେକାର ଯୁବକ ଯୁବତୀଙ୍କ ଆତ୍ମନିଯୁକ୍ତି ପାଇଁ ମୋଟ ମନୋନୀତ ୬୦୦ ଗୋମିତ୍ରଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୦୦ ଗୋମିତ୍ରମାନଙ୍କୁ ନିଯୁକ୍ତି ଦିଆଯାଇ ସାରିଲାଣି ।

୧୦. ଏହି ବ୍ୟବହାରିକ ମୂଲ୍ୟରୁ ସଂଗ୍ରହୀତ ଅର୍ଥ ପଶୁଡାକ୍ତରଖାନା, ପଶୁସହାୟକ କେନ୍ଦ୍ର ଗୃହର ମରାମତି, ନୂତନ ଗୃହ ନିର୍ମାଣ ସହିତ ଆବଶ୍ୟକୀୟ ଔଷଧ ଓ ଯନ୍ତ୍ରପାତି ଯୋଗାଣ, ଟିକା ସଂରକ୍ଷଣ ଆଦିର ବ୍ୟବସ୍ଥା ପାଇଁ ଖର୍ଚ୍ଚ ହୋଇଥାଏ ।

## ପଶୁ ଚିକିତ୍ସା ଶିବିର

ତା ୨୧।୯।୨୦୦୫ରିଖରେ ଯୋଡ଼ା ବ୍ଲକର କଣ୍ଡରା ଗ୍ରାମ ପଞ୍ଚାୟତସ୍ଥ ଦାମପୁର ଗ୍ରାମରେ ଟାଟା ସଞ୍ଜ ଆଇରନ୍ ଲିମିଟେଡ୍ ଯୋଡ଼ାଙ୍କ ସହାୟତାରେ 'ଗୋଟିଏ ପଶୁ ଚିକିତ୍ସା ଶିବିର' ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଡାକ୍ତର ନିତୀନ୍ ବି. ଜୱ୍ୟାଲେ, ଆଇ.ଏ.ଏସ୍., ଉପଜିଲ୍ଲାପାଳ ଚମ୍ପୁଆ ଉଦ୍‌ଘାଟନ କରିଥିଲେ । ଏହି ଗ୍ରାମଟି ଆଦିବାସୀ ବହୁଳ ଓ ଏହାର ଆଖପାଖ ଗ୍ରାମଗୁଡ଼ିକ ମଧ୍ୟ ଆଦିବାସୀ ବହୁଳ ହୋଇଥିବାରୁ ଶ୍ରୀ ଗିରିଧାରୀ ନାଏକ, ଚେୟାରମ୍ୟାନ୍, ଯୋଡ଼ା ଉପଜିଲ୍ଲାପାଳଙ୍କୁ ଅବଗତ କରାଇ କହିଲେ ଯେ ଏଠାରେ ଗୃହପାଳିତ ପଶୁପକ୍ଷୀମାନଙ୍କ ଯତ୍ନ ପାଇଁ ଓ ସଚେତନତା ସୃଷ୍ଟି ପାଇଁ ଏଭଳି ଚିକିତ୍ସା ଶିବିରର ମୁଖ୍ୟ ଭୂମିକା ରହିଛି । ଯୋଡ଼ା ଚେୟାରମ୍ୟାନ୍ ଶ୍ରୀ ନାଏକ ଗ୍ରାମବାସୀଙ୍କ ଗହଣରେ ରହି ଉପସ୍ଥିତ ଥିବା ଶ୍ରୀ ଏସ୍. ପି. ନିଗମ ଓ ଶ୍ରୀ ତ୍ରିଲୋଚନ ପଳେଇ ଯଥାକ୍ରମେ ଟାଟା ସଞ୍ଜ ଆଇରନ୍ ଲିମିଟେଡ୍ ଯୋଡ଼ାର ଡେପୁଟି ମ୍ୟାନେଜର ଓ ରୁରାଲ ଡେଭେଲପମେଣ୍ଟ ଅଫିସରଙ୍କ ଉକ୍ତ କମ୍ପାନୀ ତରଫରୁ ଶିବିର ପାଇଁ ସାହାଯ୍ୟ କରିଥିବାରୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଶିବିର ପରିଚାଳନାରତ ପଶୁପାଳନ ବିଭାଗର ସମସ୍ତ କର୍ମଚାରୀଙ୍କୁ ଉତ୍ସାହିତ କରିବା ସହ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଉକ୍ତ ଶିବିରରେ ୧୯୭ଟି କେସ୍ ଚିକିତ୍ସା କରାଯାଇ ୮୩୩୫/- (ତିନିଶହ ପଇଁତିରିଶ ଟଙ୍କା ମାତ୍ର) ସରକାରୀ ଦେୟ ଫିସ୍ ବାବଦ ଗୃହପାଳିତ ପଶୁ ମାଲିକଙ୍କ ଠାରୁ ଆଦାୟ କରାଯାଇଥିଲା ।